بِسۡمِ اللّٰہِ الرَّحۡمٰنِ الرَّحِیۡمِ

२ ମଈ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ମୌତା ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ଗତ ଖୁତ୍‌ବାରେ ମୌତା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ସେଥି ସଂକ୍ରାନ୍ତରେ ଅଧିକ ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି ଯେ, ଯେତେବେଳେ ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ ର.ଅ ବିଦାୟ ନେଉଥିଲେ ସେତେବେଳେ ସେ ନବୀଶ୍ରେଷ୍ଠଙ୍କୁ କହିଲେ; ହେ ଅଲ୍ଲାଃଙ୍କ ରସୁଲ ସ.ଅ ! ମୋତେ ଏପରି କୌଣସି ଆଦେଶ ଦିଅନ୍ତୁ ଯାହାକି ମୁଁ ସ୍ମରଣ କରିନେବି । ଏଥି ଉତ୍ତାରୁ ହୁଜୁର ସ.ଅ କହିଲେ; କାଲି ତୁମେ ଏପରି ସହରରେ ପହଞ୍ଚିବ ଯେଉଁସ୍ଥଳେ ଖୁବ୍ କମ୍ ସଜ୍‌ଦାଃ (ଅଲ୍ଲାଃଙ୍କ ଉପାସନା) କରାଯାଉଛି । ସୁତରାଂ ତୁମେ ସେଠାରେ ଅତ୍ୟଧିକ ସଜ୍‌ଦାଃ କରିବ ।

ମହାମହିମ ହୁଜୁର ଅନଓ୍ୱର ଅ.ବ କହିଲେ; ଏହା ଏକ ବହୁତ ବଡ ମହତବାଣୀ । **ଆଜିକାଲି ଆମେ ଏ ଯେଉଁ (ପାଶ୍ଚାତ୍ୟ) ଦେଶମାନଙ୍କରେ ବସବାସ କରୁଅଛେ, ଏଠାକାର ଲୋକମାନେ ନିଜ ସୃଷ୍ଟିକର୍ତ୍ତାଙ୍କୁ ପାସୋରି ବସିଛନ୍ତି ।** ଅତଏବ ଏପରି ସ୍ଥଳେ ଅହେମଦିମାନଙ୍କୁ ନିଜ ଉପାସନା ପ୍ରତି ବହୁତ ଧ୍ୟାନ ଦେବା ଉଚିତ୍ । ପୁନଶ୍ଚ ତାଙ୍କର ନିବେଦନରେ ହୁଜୁର ସ.ଅ ଅଧିକନ୍ତୁ କହିଲେ; ଅଲ୍ଲାଃତାଲାଙ୍କର ଗୁଣଗାନ କର । ସେ ପ୍ରତ୍ୟେକ ମାମଲାରେ ତୁମର ସାହାଯ୍ୟ କରିବେ । ଯେତେବେଳେ ହଜରତ ଅବ୍ଦୁଲ୍ଲାଃ ପ୍ରସ୍ଥାନ କରୁଥିଲେ ସେତେବେଳେ ପଛକୁ ଫେରି ଆସି କହିଲେ; ହେ ଅଲ୍ଲାଃଙ୍କ ରସୁଲ ସ.ଅ ! ଅଲ୍ଲାଃ ଅଯୁଗ୍ମ ଏବଂ ଅଯୁଗ୍ମକୁ ସେ ପସନ୍ଦ କରନ୍ତି । ଏଥିରେ ହୁଜୁର ସ.ଅ କହିଲେ; ହେ ଅବ୍ଦୁଲ୍ଲାଃ, କ'ଣ ଖାଲି ପ୍ରଶ୍ନ କରି ଚାଲିଥିବ ? ଦେଖ ! ଯେତେବେଳେ ତୁମେ ବିରକ୍ତ ହୋଇଯିବ ଓ ତୁମେ ୧୦ଜଣ ବ୍ୟକ୍ତିଙ୍କ ସହିତ ଅପକର୍ମ କରିଥିବ ତେବେ ଜଣେ ବ୍ୟକ୍ତି ସହିତ ସତ୍‌କର୍ମ କରିବାରେ ବେଜାର ହୋଇଯିବ ନାହିଁ । ଅର୍ଥାତ୍ ଏତେ ଅପକର୍ମ କଲା ପରେ ମଧ୍ୟ ଅଲ୍ଲାଃତାଲାଙ୍କ ସକାଶେ ଯଦି ସତ୍‌କର୍ମ ସମ୍ପାଦନ କରିବ ଓ ତାଙ୍କୁ ଭୟ କରିବ ତେବେ ଅଲ୍ଲାଃତାଲା ତୁମକୁ କ୍ଷମା କରିଦେବେ । ସୁତରାଂ ଅଲ୍ଲାଃତାଲା ସତ୍‌କର୍ମ ସମ୍ପାଦନକାରୀଙ୍କୁ କ୍ଷମା କରିଦେଇଥାନ୍ତି, ତାଙ୍କ କ୍ଷମା ଦେବାର ପରିସର ଅତୀବ ପ୍ରଶସ୍ତ । ଯଥା ସମ୍ଭବ ସତ୍‌କର୍ମ ସମ୍ପନ୍ନ କରିବା ଓ ଅପକର୍ମରୁ ନିବୃତ୍ତ ରହିବାକୁ ପ୍ରୟାସ କର । ଏପରି ନୁହେଁ କି ପ୍ରତ୍ୟେକ ଥର ଦଶଟି ଅପକର୍ମ କରିବା ପରେ କହିବ ଯେ, ମୁଁ ଗୋଟିଏ ପୁଣ୍ୟ କରିଛି । ସେ ଯାହା ହେଉ ହଜରତ ମୁହମ୍ମଦ ସ.ଅ ଯେତେବେଳେ କହିଲେ; ତୁମେ ଗୋଟିଏ ପୁଣ୍ୟ କରିବାକୁ ମଧ୍ୟ ହାତଛଡା କର ନାହିଁ । ଏଥିରେ ହଜରତ ଅବ୍ଦୁଲ୍ଲାଃ କହିଲେ; ହେ ଅଲ୍ଲାଃଙ୍କ ରସୁଲ ସ.ଅ ! ଏଥିଅନ୍ତେ ମୁଁ ଆପଣଙ୍କୁ କୌଣସି ପ୍ରଶ୍ନ କରିବି ନାହିଁ ।

ଯେତେବେଳେ ହଜରତ ଅବ୍ଦୁଲ୍ଲାଃ ର.ଅଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଗଲା ସେତେବେଳେ ତାଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଗଲା । ଲୋକମାନେ ତାହାର କାରଣ ପଚାରିବାରୁ ସେ ଅଲ୍ଲାଃଙ୍କ ଶପଥ କରି କହିଲେ; ମୋତେ ନା ସଂସାର ପ୍ରତି ଲୋଭ ରହିଛି, ନା ତୁମମାନଙ୍କ ସହିତ । ମୁଁ ପବିତ୍ର ଅବତାରଙ୍କୁ ଏହି ଆୟତ ପାଠ କରୁ ଥିବାର ଶୁଣିଲି ଯେଉଁଥିରେ ଅଗ୍ନିର ଚର୍ଚ୍ଚା ରହିଛି, ଆଉ ମୁଁ ଜାଣି ନାହିଁ ଯେ ସେଥିରେ ନିପତିତ ହେବା ପରେ ମୋର ଅବସ୍ଥା କ'ଣ

ହେବ । ଏଥିରେ ଲୋକମାନେ ତାଙ୍କୁ ଆଶ୍ୱାସନା ଦେଲେ ଏବଂ ତାଙ୍କ ପାଇଁ ଦୁଆ କଲେ ଯେ, ଆପଣମାନେ ଆମମାନଙ୍କ ନିକଟକୁ ସକୁଶଳେ ଫେରି ଆସ । ଏହି ଅଭିଯାନରେ ଇସଲାମୀୟ ସେନା ଶୁକ୍ରବାର ଦିନ ପ୍ରସ୍ଥାନ କରିଥିଲା । କିନ୍ତୁ ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ ଚିନ୍ତା କଲେ ଯେ, ମୁଁ ହୁଜୁର [ସ.ଅ]ଙ୍କ ସହିତ ଜୁମା ନମାଜ ପାଠ କରି ମଦିନାରୁ ବାହାରି ଯିବି ଏବଂ ସେନା ସହିତ ସମ୍ମିଳିତ ହୋଇଯିବି । ମହାଭାଗ ତାଙ୍କୁ ଜୁମା ନମାଜରେ ଦେଖି ପଚାରିଲେ ତୁମକୁ କେଉଁ କଥା ନିଜ ସାଥୀମାନଙ୍କ ସହିତ ଯିବାରୁ ବିରତ ରଖିଲା ? ସେ ଉତ୍ତର ଦେଲେ ମୁଁ ଚିନ୍ତା କଲି ଯେ, ଆପଣଙ୍କ ସହିତ ଜୁମା ନମାଜ ପାଠ କରି ବାହାରି ଯିବି ଏବଂ ସେନା ସହିତ ସମ୍ମିଳିତ ହୋଇଯିବି । ଏଥିରେ ପୁଣ୍ୟଶ୍ଳୋକ କହିଲେ; **ବର୍ତ୍ତମାନ ଭୂପୃଷ୍ଠରେ ଯାହାକିଛି ରହିଛି ଯଦି ତୁମେ ସେ ସମସ୍ତ ବସ୍ତୁ ଖର୍ଚ୍ଚ କରିଦିଅ ତେବେ ସୁଦ୍ଧା ଯେଉଁମାନେ ପ୍ରସ୍ଥାନ କରିଯାଇଛନ୍ତି ତୁମେ ସେମାନଙ୍କ ସଦୃଶ ପୁଣ୍ୟ ଅର୍ଜନ କରିପାରିବ ନାହିଁ ।**

ହଜରତ ଖାଲିଦ୍ ବିନ୍ ଓଲିଦ୍[ର.ଅ] ଜଣେ ସୁଦକ୍ଷ ଅଶ୍ୱାରୋହୀ ଥିଲେ ଏବଂ ସେ ମଧ୍ୟ ଏହି ଯୁଦ୍ଧରେ ଜଣେ ସାଧାରଣ ସିପାହୀଙ୍କ ପରି ସାମିଲ ଥିଲେ । ଏହି ଅଭିଯାନରେ ବାହାରିବାର ମାତ୍ର ତିନି ମାସ ପୂର୍ବରୁ ସେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ । ମୁସଲମାନ ସେନା ମଦିନାରୁ ପ୍ରସ୍ଥାନ ହିଁ କରିଥିଲା ଯେ, ଶତ୍ରୁ ପକ୍ଷକୁ ଏମାନଙ୍କ ସୂଚନା ମିଳିଗଲା । ଆଉ ସେମାନେ ମଧ୍ୟ ସେନା ବାହିନୀ ଏକତ୍ରୀତ କରିବା ଆରମ୍ଭ କରିଦେଲେ । ମୁସଲମାନମାନଙ୍କୁ ସୂଚନା ମିଳିଲା ଯେ, ଶତ୍ରୁ ପକ୍ଷର ସୈନ୍ୟ ବାହିନୀଙ୍କ ସଂଖ୍ୟା ପାଖାପାଖି ଏକ ଲକ୍ଷ ରହିଛି । ଏକଥା ଶୁଣି ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ[ର.ଅ] ମୁସଲମାନ ସୈନିକମାନଙ୍କ ସାହାସ ଅଭିବୃଦ୍ଧି କରିବା ସକାଶେ ଉପଦେଶ ଦେଇ କହିଲେ; ଦେଖ ଉଭୟ ପ୍ରସଙ୍ଗ ଅର୍ଥାତ୍ ଶାହାଦତ୍ ଓ ବିଜୟ, ତୁମମାନଙ୍କ ସକାଶେ ଉତ୍ତମ ଏବଂ ଏହି ଅଭିଳାଷ କରି ହିଁ ତୁମେ ଘରୁ ପାଦ କାଢ଼ିଥିଲ । ଏକଥା ଶୁଣି ସଭିଏଁ ଏକ ସ୍ୱରରେ କହି ଉଠିଲେ, ଇବ୍‌ନେ ରଓ୍ୱାଃ[ର.ଅ] ସତ କହିଛନ୍ତି । ତା'ପରେ ସାହାବା ଆଗକୁ ଅଗ୍ରସର ହେଲେ ସେହିସ୍ଥଳେ ସେମାନଙ୍କୁ ମୁଶାରିଫ୍ ବସ୍ତି ନିକଟରେ ହରକଲ୍‌ର ସେନା ମିଳିଲା ଯାହାକି ଆରବ ଓ ରୋମ ବାସୀଙ୍କର ମିଳିତ ଦଳ ଥିଲା । ସେମାନଙ୍କୁ ଦେଖି (ମୁସଲମାନ ସେନା) ମୌତା ବସ୍ତି ଆଡ଼କୁ ହଟିଗଲେ । ସେହିସ୍ଥଳେ ମୁସଲମାନମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ । ହଜରତ ଅବୁ ହୁରେରାଃ[ର.ଅ] ମଧ୍ୟ ଏହି ଯୁଦ୍ଧରେ ସାମିଲ ଥିଲେ, ସେ କୁହନ୍ତି; ଯେତେବେଳେ ଶତ୍ରୁ ଆମ ନିକଟବର୍ତ୍ତୀ ହେଲା ସେତେବେଳେ ଆମେ ଏତେ ମାତ୍ରାରେ, ଏପରି ସୁସଜ୍ଜିତ ଓ ଘୋଡ଼ା ତଥା ସ୍ୱର୍ଣ୍ଣ ଦ୍ୱାରା ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିବା (ସେନା ବାହିନୀ) ପୂର୍ବରୁ କଦାଚିତ ଦେଖି ନଥିଲୁ ଓ ତାହାକୁ ଦେଖି ମୋ ନେତ୍ର ଜଳକା ହୋଇଗଲା । ଏଥିରେ ମୋତେ ହଜରତ ସାବିତ୍[ର.ଅ] କହିଲେ; କ'ଣ ତୁମେ ଏହି ସଂଖ୍ୟାଧିକ ସୈନିକମାନଙ୍କୁ ଦେଖି ଆଶ୍ଚର୍ଯ୍ୟଚକିତ ହେଉଛ ଯେତେବେଳେ କି ତୁମେ ଆମ ସହିତ ବଦର୍ ଯୁଦ୍ଧରେ ସାମିଲ ହୋଇସାରିଛ । **ସେହିସ୍ଥଳେ ମଧ୍ୟ ଆମେ ସଂଖ୍ୟାଧିକ ଯୋଗୁଁ ବିଜୟ ଲାଭ କରି ନଥିଲେ ।**

ଉଭୟ ସେନା ପରସ୍ପରର ମୁହାଁମୁହିଁ ହେବା ମାତ୍ରେ ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଗଲା । ହଜରତ ଜୈଦ୍[ର.ଅ] ହୁଜୁର [ସ.ଅ]ଙ୍କ ଧ୍ୱଜା ବହନ କରି ଶତ୍ରୁ ସହିତ ଜିହାଦ୍ କଲେ । ଆଉ ଅତି ବୀରତାର ସହିତ ଲଢ଼ି ଶହିଦ୍ ହୋଇଗଲେ । ସେଥିଅନ୍ତେ ହଜରତ ଜାଫର୍[ର.ଅ] ଇସଲାମୀୟ ଧ୍ୱଜାକୁ ଥାମି ନେଲେ, ଆଉ ଜିହାଦ୍ କରିକରି ସେ ବି ବୀରଗତି ପ୍ରାପ୍ତ କଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ହଜରତ ଜାଫର୍ ବିନ୍ ଅବୁ ତାଲିବ୍[ର.ଅ] ନିଜ ଦକ୍ଷିଣ ହସ୍ତରେ ବାନା ବହନ କରି ଲଢୁଥିଲେ ଯେତେବେଳେ ତାଙ୍କର ଦକ୍ଷିଣ ହସ୍ତ କଟିଗଲା ସେତେବେଳେ ସେ ନିଜ ବାମ ହସ୍ତରେ ବାନାକୁ ଧରିନେଲେ । ଆଉ ଯେତେବେଳେ ସେହି ହସ୍ତଟି ମଧ୍ୟ କଟିଗଲା ସେତେବେଳେ ସେ ନିଜ କହୁଣି ସହିତ ନିଜ ବକ୍ଷରେ ବାନାକୁ ଥାମି ନେଲେ । ବୀରଗତି ପ୍ରାପ୍ତ କରିବା ସମୟରେ ତାଙ୍କୁ ମାତ୍ର ୩୩ ବର୍ଷ ବୟସ ହୋଇଥିଲା । ସେଠାରେ ତାଙ୍କ ଶରୀରରେ ୬୦ଟି ପାଖାପାଖି ଆଘାତ ଲାଗିଥିଲା । ଆଉ ସେଥିମଧ୍ୟରୁ କୌଣସି ଗୋଟିଏ ହେଲେ ଆଘାତ ତାଙ୍କ ପଶ୍ଚାତ ପାର୍ଶ୍ୱରେ ଲାଗି ନଥିଲା ।

ହଜରତ ଜାଫର୍[ର.ଅ] ଶହିଦ୍ ହେବା ପରେ ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ[ର.ଅ] ଇସଲାମୀୟ ଧ୍ୱଜାକୁ ଜାବୁଡ଼ି

ନେଲେ । ତାଙ୍କୁ ଏକ ମାଂସ ଟୁକୁଡ଼ା ଖାଇବାକୁ ଦିଆଗଲା ଯେ, ଏତଦ୍ ଦ୍ୱାରା ଯୁଦ୍ଧ ଲଢ଼ିବାକୁ ଶକ୍ତି ମିଳିବ । ସେ ସେବନ କରିବା ପାଇଁ ସେଥି ମଧ୍ୟରୁ କିଛି ଅଂଶ ନେଇଥିଲେ ଯେ, ଗୋଟିଏ ପାର୍ଶ୍ୱରୁ ଖଣ୍ଡା ଚାଳନାର ସ୍ୱର ଶୁଭିଲା । ଏଥିରେ ସେ ନିଜକୁ କହିଲେ; ତୁମେ ଏପର୍ଯ୍ୟନ୍ତ ଏହି ମାୟା ସଂସାରରେ ବସି ରହିଛ ଅର୍ଥାତ୍ ଯୁଦ୍ଧ ଆରମ୍ଭ ହୋଇଗଲାଣି ଓ ତୁମେ ଏଠାରେ ବସି ମାଂସ ଭକ୍ଷଣ କରୁଅଛ । **ଅତଏବ ସେ ସେହି ମାଂସ ଟୁକୁଡ଼ା ଛାଡ଼ି ସଙ୍ଗେସଙ୍ଗେ ରଣକ୍ଷେତ୍ରରେ ଓହ୍ଲାଇ ପଡିଲେ ଏବଂ ଅତି ବୀରତାର ସହିତ ଲଢ଼ି ଶହିଦ୍ ହୋଇଗଲେ ।** ତାଙ୍କ ହସ୍ତରୁ ଧ୍ୱଜା ଖସି ପଡିଲା, ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ [ର.ଅ]ଙ୍କର ଶହିଦ୍ ହେବା ଫଳରେ ମୁସଲମାନ ସେନାକୁ ବେଶ୍ କ୍ଲେଶ ସହ୍ୟ କରିବାକୁ ପଡିଥିଲା । ଏପରିକି ଦୁଇଜଣ ମୁସଲମାନ ସୈନିକ ମଧ୍ୟ ଏକତ୍ର ଲଢୁଥିବାର ଦୃଶ୍ୟମାନ ହେଲେ ନାହିଁ । ଏପରିସ୍ଥଳେ ଜଣେ ଅନ୍‌ସାରୀ ସାହାବି ଇସଲାମୀୟ ବାନାକୁ ଥାମିନେଲେ ଓ ଦୌଡ଼ି ଆସି ଲୋକମାନଙ୍କ ସମ୍ମୁଖରେ ବାନାକୁ ପୋତି ଦେଲେ । ସେଥିଅନ୍ତେ ସେ ଡ଼ାକରା ଦେଲେ ହେ ଲୋକମାନେ ! ମୋ ନିକଟକୁ ଚାଲି ଆସ । ସମସ୍ତେ ତାଙ୍କ ଚତୁର୍ପାର୍ଶ୍ୱରେ ରୁଣ୍ଡ ହୋଇଗଲେ, ଯେତେବେଳେ ସେମାନଙ୍କ ସଂଖ୍ୟା ଅଧିକ ହୋଇଗଲା ସେ ହଜରତ ଖାଲିଦ୍ [ର.ଅ]ଙ୍କ ନିକଟକୁ ଗଲେ ଏବଂ ଇସଲାମୀୟ ବାନା ତାଙ୍କୁ ପ୍ରଦାନ କଲେ । କିନ୍ତୁ ସେ ସେହି ସାହାବିଙ୍କ ଠାରୁ ବାନା ନେବାରୁ ଅମଙ୍ଗ ହୋଇ କହିଲେ; ତୁମେ ଏହାର ପ୍ରକୃତ ଅଧିକାରୀ । ଏଥିରେ ସାହାବି ଜଣକ କହିଲେ; ଅସଲରେ ମୁଁ ଏହି ଧ୍ୱଜା ଆପଣଙ୍କ ସକାଶେ ସଂଗ୍ରହ କରିଥିଲି । ସୁତରାଂ ହଜରତ ଖାଲିଦ୍[ର.ଅ] ବାନାକୁ ଥାମିନେଲେ ଏବଂ ମୁସଲମାନ ସେନାର ପ୍ରତିରକ୍ଷା କରିବା ପାଇଁ ସେମାନଙ୍କୁ ଏକତ୍ରୀତ କରି ଗୋଟିଏ ପାର୍ଶ୍ୱକୁ କରିଦେଲେ । ଆଉ ଶତ୍ରୁ ମଧ୍ୟ ପଛକୁ ହଟିଗଲା, ଏପରି ସେ ମୁସଲମାନମାନଙ୍କୁ ଶତ୍ରୁ କବଳରୁ ରକ୍ଷା କରି ନେଇ ଆସିଲେ । ଇବ୍‌ନେ ଇସହାକ୍‌ଙ୍କ କହିବାନୁଯାୟୀ ରୋମୀମାନଙ୍କ ଠାରୁ ମୁସଲମାନ ସେନାର ଦୂରକୁ ହଟିବା ହିଁ ଅସଲରେ ସେମାନଙ୍କ କବଳରୁ ବର୍ତ୍ତି ରହିବା ଥିଲା । କାରଣ ସେହି ସମୟରେ ୩୦୦୦ମୁସଲମାନ ସୈନିକ ମଧ୍ୟରୁ ୨୦୦୦ ଶତ୍ରୁ ସହିତ ସଂଘର୍ଷରେ ମାତି ରହିଥିଲେ ଏବଂ ଶତ୍ରୁ ପୂର୍ଣ୍ଣ ରୂପେ ମୁସଲମାନମାନଙ୍କୁ ଘେରି ନେଇଥିଲା । ଏପରି ପରିସ୍ଥିତିରେ ମୁସଲମାନମାନଙ୍କୁ ଶତ୍ରୁର ହାତ ମୁଠାରୁ ଉଦ୍ଧାର କରି ଆଣିବା ହିଁ ଏକ ବିଜୟ ଥିଲା । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ବିଜୟ ପ୍ରାପ୍ତିର ଅନେକ ଦିଗ ରହିଛି । ହଜରତ ଜୈଦ୍[ର.ଅ], ହଜରତ ଜାଫର୍[ର.ଅ] ଓ ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ [ର.ଅ]ଙ୍କର ଶହିଦ୍ ହୋଇଯିବା କଥା ଲୋକମାନଙ୍କୁ ମିଳିବା ପୂର୍ବରୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ସେମାନଙ୍କୁ ଅବଗତ କରାଇ ଦେଲେ । ହୁଜୁର[ସ.ଅ] କହିଲେ; ହଜରତ ଜୈଦ୍[ର.ଅ] ଇସଲାମୀୟ ବାନା ବହନ କରିଥିବା ଅବସ୍ଥାରେ ବୀରଗତି ପ୍ରାପ୍ତ କଲେ । ତାଙ୍କ ପରେ ହଜରତ ଜାଫର୍[ର.ଅ] ବାନାକୁ ଥାମିନେଲେ ଓ ସେ ବି ବୀରଗତି ପ୍ରାପ୍ତ କଲେ । ତା'ପରେ ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ ବାନାକୁ ଥାମିନେଲେ ଓ ସେ ବି ବୀରଗତି ପ୍ରାପ୍ତ କଲେ । ସେତେବେଳେ ପୁଣ୍ୟଶ୍ଳୋକଙ୍କ ଚକ୍ଷୁରୁ ଅଶ୍ରୁଧାରା ବହି ପଡୁଥିଲା । ମହାଭାଗ କହିଲେ; ତହୁଁପରେ ଇସଲାମୀୟ ବାନାକୁ ଅଲ୍ଲାଃତାଲାଙ୍କ ଖଡ଼୍‌ଗ ମଧ୍ୟରୁ ଏକ ଖଡ଼୍‌ଗ ବହନ କରିନେଲା । ଆଉ ଅଲ୍ଲାଃତାଲା ତାଙ୍କ ହସ୍ତରେ ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କଲେ । **ସେହି ଦିନଠାରୁ ହଜରତ ଖାଲିଦ୍ [ର.ଅ]ଙ୍କୁ ସୈଫୁଲ୍ଲାଃ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଖଡ଼୍‌ଗ ଅଭିହିତ କରାଗଲା ।**

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଯେତେବେଳେ ହଜରତ ଖାଲିଦ୍[ର.ଅ] ଇସଲାମୀୟ ସେନାର ନେତୃତ୍ୱ ନେଲେ ସେତେବେଳେ ସେ ଇସଲାମୀୟ ସେନାର ଅଗ୍ର ଟୁକୁଡ଼ିକୁ ପଶ୍ଚାତ ଓ ପଶ୍ଚାତ ଟୁକୁଡ଼ିକୁ ଆଗକୁ କରିଦେଲେ ତଥା ଦକ୍ଷିଣ ଟୁକୁଡ଼ିକୁ ବାମ ଓ ବାମ ଟୁକୁଡ଼ିକୁ ଦକ୍ଷିଣ ପାର୍ଶ୍ୱକୁ କରିଦେଲେ ଏବଂ ଅତି ତୀବ୍ରତାର ସହିତ ଶ୍ଲୋଗାନ ଦେବା ଆରମ୍ଭ କରିଦେଲେ । ଯଦ୍ଦ୍ୱାରା ଶତ୍ରୁ ମନେକଲା ଯେ, ମୁସଲମାନମାନଙ୍କ ସହାୟତା ଦଳ ଆସି ପହଞ୍ଚି ଯାଇଛି । ବସ୍ତୁତଃ ସେମାନେ ପଛକୁ ହଟିଗଲେ ଏବଂ ହଜରତ ଖାଲିଦ୍[ର.ଅ] ମୁସଲମାନମାନଙ୍କୁ ସେଠାରୁ ସୁରକ୍ଷିତ ଘେନି ଆଣିଲେ ।

ଧ୍ୱଜାର ଆଦର ଓ ସମ୍ମାନ କରିବାର ଚର୍ଚ୍ଚା କରି ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଯେତେବେଳେ କୌଣସି ଜାତିର ସଦସ୍ୟବୃନ୍ଦଙ୍କ ହୃଦୟରେ ସେମାନଙ୍କ ଧ୍ୱଜାର ଗରିମାକୁ ପ୍ରତିଷ୍ଠିତ କରି ଦିଆଯାଏ ସେତେବେଳେ ତାହା ସେମାନଙ୍କୁ ଏଥିନିମନ୍ତେ ପ୍ରସ୍ତୁତ କରିଦେଇଥାଏ ଯେ, ଯଦି ନିଜ ଧ୍ୱଜାର ସୁରକ୍ଷା କରିବା ସକାଶେ ନିଜ

ପ୍ରାଣର ଆହୁତି ଦେବାକୁ ପଡ଼େ ତେବେ ନିଃସଙ୍କୋଚ ଭାବରେ ତାହା ଅର୍ପଣ କରିଦିଅ । କାରଣ ସେତେବେଳେ (ଧ୍ୱଜା ପ୍ରକାଶ୍ୟରେ ଦିଶୁଥିବା) ଏକ ସାଧାରଣ କାଠଖଣ୍ଡ ଓ କନା ହୋଇରହି ନଥାଏ, ବରଂ ତାହା ଜାତିର ପ୍ରତୀକ ଓ ମର୍ଯ୍ୟାଦାର ସୂଚକ ହୋଇଥାଏ । ଯାହାକି ଉପମା ଦ୍ୱାରା ଧ୍ୱଜା ଆକାରରେ ସେମାନଙ୍କ ସମ୍ମୁଖରେ ରହିଥାଏ ।

ଏହି ଚର୍ଚ୍ଚା ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ଏଥିଅନ୍ତେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ବିଶ୍ୱର ସାଧାରଣ ପରିସ୍ଥିତି ନିମନ୍ତେ ଦୁଆ ଜାରି ରଖିବେ । ବିଶେଷ ରୂପେ ଆଜିକାଲି ଭାରତ ଓ ପାକିସ୍ତାନର ଯେଉଁଭଳି ପରିସ୍ଥିତି ରହିଛି । ସେଥିପାଇଁ ଦୁଆ କରିବେ ଅଲ୍ଲାଃତାଲା ଅତ୍ୟାଚାରୀମାନଙ୍କ ବିନାଶ କରନ୍ତୁ ଏବଂ ଅତ୍ୟାଚାରୀତ ମାନଙ୍କୁ ସୁରକ୍ଷିତ ରଖନ୍ତୁ । ଆଉ ପ୍ରଶାସନିକ ଅଧିକାରୀମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେ, ଯୁଦ୍ଧ ଆଡ଼କୁ ଢ଼ଳିବା ପରିବର୍ତ୍ତେ ସନ୍ଧି ପ୍ରତି ଅବନତ ହୁଅନ୍ତୁ । ଆନ୍ତର୍ଜାତିକ ସର୍ତ୍ତାବଳୀର ପାଳନ କରନ୍ତୁ । ଯେଉଁସ୍ଥଳେ ନ୍ୟାୟ ମିଳିବା ଅତି କଷ୍ଟସାଧ୍ୟ ହୋଇଯାଇଛି, ଅଲ୍ଲାଃତାଲା ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକୁ ଶକ୍ତି ପ୍ରଦାନ କରନ୍ତୁ ଓ ଉଭୟ ପକ୍ଷକୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ ଯେ, ସେମାନେ ଆପୋସରେ ସମସ୍ୟା ସମାଧାନ କରିନିଅନ୍ତୁ । ଅଲ୍ଲାଃତାଲା ଉଭୟ ପକ୍ଷକୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । କାରଣ ଯୁଦ୍ଧ ହେଲେ ଉଭୟ ପକ୍ଷର କ୍ଷତି ଘଟିବ । ସେତେବେଳେ କେବଳ ସିପାହୀ ନୁହେଁ, ବରଂ ସାଧାରଣ ଜନତାଙ୍କର ମଧ୍ୟ ଅଯଥାରେ ପ୍ରାଣହାନୀ ଘଟିବ । ଆଜିକାଲି ଏହା ହିଁ ପ୍ରତ୍ୟେକସ୍ଥଳେ ଘଟୁଥିବାର ଆମେମାନେ ଦେଖୁଅଛେ । ସେ ଯାହା ହେଉ ସମଗ୍ର ବିଶ୍ୱବାସୀଙ୍କ ନିମନ୍ତେ ଦୁଆ କରିବେ । ଏମିତି ତ ଜଗତ ଧ୍ୱଂସର ମୁହାଣରେ ଛିଡ଼ା ହୋଇଅଛି । କେବଳ ଅଲ୍ଲାଃତାଲା ହିଁ ଏଥିରୁ ମାନବ ଜାତିକୁ ଉଦ୍ଧାର କରିପାରିବେ । ଆଉ ଏହା ସେତେବେଳେ ସମ୍ଭବ ଯେତେବେଳେ ସଂସାରବାସୀ ନିଜ ପାଳନକର୍ତ୍ତା ନିକଟରେ ନତମସ୍ତକ ହେବେ । ଅଲ୍ଲାଃତାଲା ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମମାନଙ୍କୁ ଦୁଆ କରିବାକୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏବେ ମୁଁ ଜଣେ ଶହିଦ୍ ଶ୍ରୀମାନ ମୁହମ୍ମଦ ଆସିଫ୍ ସାହେବ ସୁପୁତ୍ର ଶ୍ରୀମାନ ରଫିକ୍ ଅହେମଦ ସାହେବ ଭଲେର୍ ଜିଲା କସୁର୍ ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରିବି । ଶହିଦ୍‌ଙ୍କୁ ବିରୋଧୀମାନେ ଅପ୍ରେଲ୍ ମାସ ୨୪ତାରିଖ ଦିନ ଫାଇରିଙ୍ଗ କରି ଶହିଦ୍ କରିଦେଲେ । ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ଶାହାଦତ୍ ବେଳେ ତାଙ୍କୁ ମାତ୍ର ୧୯ବର୍ଷ ବୟସ ହୋଇଥିଲା । ମୃତକ ଜଣକ ପୁଣ୍ୟବାନ, ଆଜ୍ଞାକାରୀ, ସାହସି, ଅନ୍ତଃ ବିଭାଗଗୁଡ଼ିକର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକାରୀ, ସତ୍ ଚରିତ୍ର ଓ ଖଲିଫାଙ୍କୁ ପ୍ରେମକାରୀ ଯୁବକ ଥିଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] ତାଙ୍କ ପାଇଁ କ୍ଷମା ଯାଚନା କରି ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ପାକିସ୍ତାନରେ ସନ୍ତ୍ରାସବାଦ ଗତିବିଧି ଓ ଜମାଅତର ବିରୋଧ ଦିନପ୍ରତିଦିନ ବଢ଼ିଚାଲିଛି । ଅଲ୍ଲାଃତାଲା ଶୀଘ୍ର ସେହି ଚରମପନ୍ଥୀମାନଙ୍କର ଧରପଗଡ଼ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ୍ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

2nd May 2025

*Translated to Odia by :* Moulavi Anwar Ahmad Khan